## ସଂକ୍ଷେପରେ

### ୫ କୁଇଣ୍ଟାଲ ଗଞ୍ଜେଇ ଜବତ

ମୋହନା,୧୪।୭(ମନ୍ମଥ ମିଶ୍ର):ଗଜପତି ଜିଲା ଅଡବା ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ପଣ୍ଡାଙ୍କ ନିର୍ଦ୍ଦେଶରେ ଏସଆଇ ଭାଗ୍ୟଲତା ଦାଶ ଓ ଟିମ୍ ପାଟ୍ରୋଲିଂ କରିବା ସମୟରେ ରମେଶ ଟିକିଲିମା ଗ୍ରାମ ରାସ୍ତାରେ ୧୮ଟି ପ୍ଲାଷ୍ଟିକ ଅଖା ଥିବା ଦେଖିବାକୁ ପାଇଥିଲେ। ଉକ୍ତ ବସ୍ତାକୁ ଯାଞ୍ଚ କରିବା ବେଳେ ସେଥିରୁ ଗଞ୍ଜେଇ ବାହାରିଥିଲା। ମୋହନା ଅତିରିକ୍ତ ତହସିଲଦାର ହିମାଂଶୁ ଭୂଷଣ ପଲାଇଙ୍କ ଉପସ୍ଥିତିରେ ଓଜନ କରାଯାଇଥିଲା, ଯାହାର ପରିମାଣ ୫୫୮ କିଲୋ ୮ ଶହ ଗ୍ରାମ ହେଇଥିଲା। ଜବତ ଗଞ୍ଜେଇର ଆନୁମାନିକ ବଜାର ଦର ୨୮ ଲକ୍ଷ ଟଙ୍କା ହେବ ବୋଲି ଅଡବା ଥାନାଧିକାରୀ ସୂଚନା ଦେଇଛନ୍ତି।

### ପୋଷାକ ବିତରଣ ଉତ୍ସବ

ଧରାକୋଟ,୧୪।୭ (ବିଷ୍ଣୁକେଶରୀ ଆଚାର୍ଯ୍ୟ): ଧରାକୋଟ ବ୍ଲକ ଓଳମ୍ଭା ପଞ୍ଚାୟତ ଅନ୍ତର୍ଗତ ରଗୁମୁ କ୍ଲଷ୍ଟରର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅମୂଲ୍ୟ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉମାଚରଣ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ ଦୀନବନ୍ଧୁ ପ୍ରଧାନ, ସିଆରସିସି କାଳୁ ଚରଣ ଗୌଡ଼, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ସନ୍ତୋଷ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମରୁ ଅଷ୍ଟମ ଯାଏଁ ପଢୁଥିବା ମୋଟ ୧୮୨ ଜଣ ଛାତ୍ରୀଛାତ୍ରମାନଙ୍କୁ ଦୁଇ ହଳ ଲେଖାଏଁ ପୋଷାକ ବିତରଣ କରାଯାଇଥିଲା। ସହକାରୀ ଶିକ୍ଷକ ଶଙ୍କର ବେହେରା, ସୁନିଲ କୁମାର ପାଣିଗ୍ରାହୀ, ନିମାଇଁ ଚରଣ ସାହୁ,ଗୋପାଳ ନାୟକ ଓ ବିଜନ କୁମାର ଜେନା ସହଯୋଗ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଛାତ୍ରୀଛାତ୍ରମାନଙ୍କୁ ଟ୍ରାକ ସୁଟ ଓ ଟି ସାର୍ଟ ପ୍ରଦାନ କରାଯିବ ବୋଲି ପ୍ରଧାନ ଶିକ୍ଷକ ଅମୂଲ୍ୟ ଚନ୍ଦ୍ର ମିଶ୍ର ସୂଚନା ଦେଇଥିଲେ।

### ରୁଦ୍ରକାଳୀ ମନ୍ଦିର ଉନ୍ନତୀକରଣ ପାଇଁ ଭୂମିପୂଜା

ରାଇକିଆ,୧୪।୭(ପ୍ରଦୀପ ବେହେରା): ରାଇକିଆ ମା' ରୁଦ୍ରକାଳୀଙ୍କ ମନ୍ଦିର ସମ୍ମୁଖରେ ସିଂହଦ୍ୱାର ପ୍ରତିଷ୍ଠା କରାଯିବ। ଏଥିନିମନ୍ତେ ଶୁକ୍ରବାର ଭୂମିପୂଜା କରାଯାଇଛି। ସିଂହଦ୍ୱାର ନିର୍ମାଣ ନିମନ୍ତେ ୪ ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟୟ ଅଟକଳ କରାଯାଇଛି। ଭଲମିପୂଜନ କାର୍ଯ୍ୟକ୍ରମରେ ରାଇକିଆ ୧୭ ନଂ. ଜୋନ ଜିଲା ପରିଷଦ ସଭ୍ୟ ସତ୍ୟବାନ ପାତ୍ର, ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକ, ମା' ରୁଦ୍ରକାଳୀ କମିଟିର ଦଣ୍ଡ ଅଧିକାରୀ ପ୍ରତାପ ଜେନା, ନାଟ୍ୟ ଅଧିକାରୀ କେଶବ ଆଚାରୀଙ୍କ ସମେତ କମିଟି କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

### ବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଜି.ଉଦୟଗିରି,୧୪।୭ (ପି.ସଞ୍ଜୀବ କୁମାର ପାତ୍ର) ଜି.ଉଦୟଗିରି ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ଦିବ୍ୟପ୍ରକାଶ ପ୍ରଧାନଙ୍କୁ ଶୁକ୍ରବାର ସ୍ଥାନୀୟ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ କର୍ମକର୍ତ୍ତାମାନେ ଫୁଲତୋଡା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଜି.ଉଦୟଗିରି ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଶାନ୍ତନୁ କୁମାର ପ୍ରଧାନ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ପ୍ରଧାନ, ସମ୍ପାଦକ ଆଲୋକ କୁମାର ନାୟକ, ରଞ୍ଜିତ କୁମାର ପ୍ରଧାନ, ରଞ୍ଜିତ କୁମାର ପାଢୀ, ରଶ୍ମିତା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ବିଚ୍ଛିନ୍ନାଞ୍ଚଳକୁ ଯୋଡ଼ିବ ବିଜୁ ସେତୁ

ଦାରିଙ୍ଗବାଡି,୧୪।୭(ଅରୁଣ ସାହୁ)



ବିଜୁ ସେତୁ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ବିଧାୟକ।

- ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ
- ସ୍ୱାଧୀନତାର ୭୬ବର୍ଷ ପରେ ପୋଲ ନିର୍ମାଣର ଶୁଭାରମ୍ଭ
- ୧୦ ଗ୍ରାମବାସୀ ଉପକୃତ ହେବେ

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଅନେକ ଗାଁକୁ ରାସ୍ତା ଖଣ୍ଡିଏ ନ ଥିବା ବେଳେ ନଦୀ, ନାଳ ଯୋଗୁଁ ଏକାଧିକ ଦୁର୍ଗମ ଗ୍ରାମଗୁଡିକୁ ଯୋଗାଯୋଗ ନାହିଁ। ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ରାଜ୍ୟ ସରକାରଙ୍କ ନିକଟରେ ସମସ୍ୟା ଜଣାଇବା ପରେ ଅନେକ ଗାଁକୁ ବିଜୁ ସେତୁ ଯୋଜନାରେ ପୋଲ ନିର୍ମାଣ ପାଇଁ ସରକାର ଅନୁଦାନ ପ୍ରଦାନ କରିଛନ୍ତି। ସେହି କ୍ରମରେ ତିଲୋରୀ ପଞ୍ଚାୟତ ଗଇସବାନ୍ଧାଠାରୁ ଜାଗାଡି ଦେଇ ସୁଜାମାଜୁକୁ ସଂଯୋଗ ପାଇଁ ଦୁଇଟି ପୋଲ ନିର୍ମାଣ ପାଇଁ ଅନୁଦାନ ଆସିଛି। ପୂର୍ବରୁ ଆଇଟିଡିଏ ପକ୍ଷରୁ ପୋଲ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଶୁକ୍ରବାର ଆଉ ଏକ ପୋଲ ସିରକାମାହା ନାଳ ଉପରେ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ତତ୍କାଳ ତିଲୋରୀ ସମିତିସଭ୍ୟ ଇନ୍ଦ୍ରଜିତ ପ୍ରଧାନଙ୍କ ଅଧକ୍ଷତାରେ ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥି ଭାବେ ଭାବେ ଯୋଗଦେଇଥିବା ବେଳେ ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ପ୍ରଧାନ, ଓଟିଡିସିସିଓଏଲର ରାଜ୍ୟ ଉପାଧକ୍ଷ ଦିଲିପ କୁମାର ପ୍ରଧାନ, ତିଲୋରୀ ସରପଞ୍ଚ ଶ୍ରଦ୍ଧାଞ୍ଜଳି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରମାକାନ୍ତ ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ୱାଧୀନତାର ୭୬ ବର୍ଷ ପରେ ଅତି ଦୁର୍ଗମ ଗ୍ରାମ ଜାଗାଡିକୁ ସରକାରଙ୍କ ପକ୍ଷରୁ ୪ କୋଟି ୪୨ଲକ୍ଷ ଅନୁଦାନରେ ବିଜୁ ସେତୁ ଯୋଜନାରେ ପୋଲ ନିର୍ମାଣ କରାଯିବ। ଏହି ପୋଲ ନିର୍ମାଣ ହେଲେ ଅଞ୍ଚଳରେ ପ୍ରାୟ ୧୦ ଖଣ୍ଡ ଗ୍ରାମ ଲୋକେ ଫାଇଦା ପାଇବେ। ତେବେ ରାସ୍ତା ସମ୍ପ୍ରସାରଣ ପାଇଁ ସର୍ଭେ କରାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ବିଜୁ ସେତୁ ଯୋଜନାରେ ପୋଲ ପାଇଁ ଅନୁଦାନ ଆସିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ସିଭିଲ ସର୍ଭିସ ପରୀକ୍ଷା ପାଇଁ କୋଚିଂ ବ୍ୟବସ୍ଥା

ଫୁଲବାଣୀ, ୧୪।୭(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଛାତ୍ରୀଛାତ୍ରୀମାନଙ୍କ ପାଇଁ ସିଭିଲ ସର୍ଭିସ (ୟୁପିଏସସି/ଓପିଏସସି) କୋଚିଙ୍ଗ ବ୍ୟବସ୍ଥା କରିଛି ଜିଲା ପ୍ରଶାସନ. ଆଶାୟୀ ଛାତ୍ରୀଛାତ୍ରଙ୍କୁ ଆଉ ସହରରେ ରହି ଖର୍ଚ୍ଚାନ୍ତ ହେବାକୁ ପଡ଼ିବ ନାହିଁ। ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ ସେମାନଙ୍କ ପାଇଁ ଜିଲା ସଦର ମହକୁମା ଫୁଲବାଣୀଠାରେ ମାଗଣା ଅନଲାଇନ ସିଭିଲ ସର୍ଭିସ କୋଚିଙ୍ଗ ବ୍ୟବସ୍ଥା କରିବାକୁ ଯାଉଛନ୍ତି। ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପରିଚାଳନାରେ ଖୁବଶୀଘ୍ର ସିଭିଲ ସର୍ଭିସ କୋଚିଙ୍ଗ ସେଣ୍ଟର ଆରମ୍ଭ ହେବାକୁ ଯାଉଛି। ସେଠାରେ ନାମ ଲେଖା ପାଇଁ କନ୍ଧମାଳ ଜିଲ୍ଲାର ଇଚ୍ଛୁକ ଆଶାୟୀଙ୍କ ଠାରୁ ନିର୍ଦ୍ଧାରିତ ଫର୍ମାଟରେ ଆବେଦନ ପତ୍ର ଆହ୍ୱାନ କରାଯାଇଛି। ଯୋଗ୍ୟତା ନିୟମ ଏବଂ ସର୍ତ୍ତାବଳୀ, ବୟସ ସୀମା, ଶିକ୍ଷାଗତ ଯୋଗ୍ୟତା, ଚୟନ ପ୍ରକ୍ରିୟା, ଆବଶ୍ୟକୀୟ ଡକ୍ୟୁମେଣ୍ଟ ଆଦି ବିଷୟରେ ଜାଣିବା ପାଇଁ ଅଫିସିଆଲ ୱେବସାଇଟ ଅନୁସରଣ କରିପାରିବେ କିମ୍ବା ଜିଲାର ସମସ୍ତ ବିଡିଓ, ତହସିଲଦାର୍, ସିଡିପିଓଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଲଗାଯାଇଥିବା ବିଜ୍ଞାପନକୁ ଦେଖିପାରିବେ। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ନରେଶ ଚନ୍ଦ୍ର ଶବରଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଆବେଦନ ପତ୍ର ଆସନ୍ତା ୨୨ ଅପରାହ୍ନ ୫ଟା ସୁଦ୍ଧା କିମ୍ବା ତା'ପୂର୍ବରୁ ତାଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ। ୨୩ ରେ ଚୟନ କମିଟି ଦ୍ୱାରା ଯାଞ୍ଚ କରାଯାଇ ଆଇଟିଡିଏ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ୨୪ ତାରିଖ ପୂର୍ବାହ୍ନ ୧୧ଟା ସମୟରୁ ସାକ୍ଷାତକାର ଆରମ୍ଭ କରାଯିବ। ଯେଉଁମାନେ କୃତକାର୍ଯ୍ୟ ହେବେ, ସେମାନଙ୍କୁ ଏହି କୋଚିଂ ପ୍ରଦାନ କରାଯିବ।

## ମୋ ଘର' ଯୋଜନା ସଚେତନତା ରଥ ଶୁଭାରମ୍ଭ

ପାରଳାଖେମୁଣ୍ଡି,୧୪।୭ (ଗିରିଧାରୀ ପରିଛା):

ଗଜପତି ଜିଲା ଗୋଷାଣି ବ୍ଲକରେ ମୋ ଘର ଯୋଜନାର ସଚେତନତା ରଥର ଶୁଭାରମ୍ଭ ହୋଇଛି। ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଏହି ରଥକୁ ବିଡିଓ ନୀଳମାଧବ ମାଝୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ବ୍ଲକର ସମସ୍ତ ଗ୍ରାମ ବୁଲି ଏହି ରଥ ଲୋକଙ୍କୁ ମୋ ଘର ଯୋଜନା ସମ୍ପର୍କିତ ସମସ୍ତ ବାର୍ତ୍ତା ଯୋଗାଇବ। ଏହି କାର୍ଯ୍ୟକ୍ରମରେ ଗୋଷାଣି ବ୍ଲକର ସରକାରୀ ନିର୍ବାହୀ ଅଧିକାରୀ ନିହାର ନାୟକ, ବ୍ଲକର ବରିଷ୍ଠ କିରାଣୀ ବୃନ୍ଦାବନ ଗମାଙ୍ଗ, ଆକାଉଣ୍ଟେଣ୍ଟ ଗଜେନ୍ଦ୍ର ବେହେରା, ଉନ୍ନୟନ ବିଭାଗର ଗୀତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଦକ୍ଷତା ବୃଦ୍ଧି ପାଇଁ ଜେଏନୟୁ-ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏମଓୟୁ

ପାରଳାଖେମୁଣ୍ଡି,୧୪।୭(ଗିରିଧାରୀ ପରିଛା) :


ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମରେ ଦୁଇ ବିଶ୍ୱବିଦ୍ୟାଳୟର ଅଧିକାରୀମାନେ।

ଉଚ୍ଚଶିକ୍ଷା, ଶିକ୍ଷାବିତ, ଗବେଷଣା, ନବସୃଜନ ଏବଂ ଉଦ୍ୟୋଗରେ ସହଯୋଗ ଏବଂ ଦକ୍ଷତା ଏକୀକରଣକୁ ପ୍ରୋତ୍ସାହିତ କରିବା ଏବଂ ଉତ୍କର୍ଷତା ବୃଦ୍ଧି କରିବାକୁ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଏବଂ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ହାତ ମିଳାଇଛନ୍ତି। ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଏବଂ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଅଭିଜ୍ଞତା, ସର୍ବୋତ୍ତମ ଅଭ୍ୟାସ ଏବଂ ଜ୍ଞାନ ଆଦାନପ୍ରଦାନର ଅନୁଷ୍ଠାନିକ ସହଯୋଗ ପାଇଁ ଏକ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ପ୍ରାସଙ୍ଗିକ, ଉପଯୁକ୍ତ ଏବଂ ବଜାର ଚାଳିତ କୌଶଳ ସମନ୍ୱିତ ଉଚ୍ଚଶିକ୍ଷା ପ୍ରଦାନ ପାଇଁ ଏକାଡେମିକ ଏବଂ ଅନୁସନ୍ଧାନ ସହଯୋଗକୁ ପ୍ରୋତ୍ସାହିତ ଏବଂ ମଜବୁତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସୁପ୍ରିୟା ପଟ୍ଟନାୟକ କହିଛନ୍ତି ଯେ ଜେଏନୟୁର ସହଯୋଗ ଆମ ସମସ୍ତଙ୍କ ଏବଂ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପାଇଁ ଏହା ଏକ ସୌଭାଗ୍ୟ ଏବଂ ଗୌରବର ବିଷୟ। ମିଳିତ ଭାବରେ ଆମେ ଆଶା କରୁଛୁ ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ କରିବା ପାଇଁ ସମଗ୍ର ଭାରତରେ କୌଶଳ ବିସ୍ତାର କାର୍ଯ୍ୟଗୁଡ଼ିକର ଏକ କ୍ରମରେ ଅନୁସନ୍ଧାନ ଏବଂ କାର୍ଯ୍ୟ କରିବା। ଶିକ୍ଷାର ଭବିଷ୍ୟତ ସହିତ କୌଶଳର ଭବିଷ୍ୟତକୁ ଏକତ୍ର କରିବା। ଏହି ଆସୋସିଏସନ କେବଳ ଉଚ୍ଚଶିକ୍ଷାରେ କୌଶଳ ଏକୀକରଣର ସଂକଳ୍ପକୁ ଆଗକୁ ନେବ ନାହିଁ। ଏହା ଦେଶରେ ଶ୍ରମିକମାନଙ୍କ ମଧ୍ୟରେ ଥିବା ବିରାଟ ଦକ୍ଷତା ବ୍ୟବଧାନକୁ ଦୂର କରିବାରେ ସାହାଯ୍ୟ କରିବ। ଚୁକ୍ତିନାମା ସ୍ୱାକ୍ଷର ସମାରୋହରେ ଜେଏନୟୁର ପ୍ରଫେସର ସତୀଶ ଚନ୍ଦ୍ର ଗାରକୋଟି, ଡକ୍ଟର ଉତ୍ପଳ କୁମାର ଦେବନାଥ, ମନୋଜ କୁମାର ମନୁଜ, ଏବଂ ସିୟୁଟିଏମର ଅଭିନାଭ ମଦନ, ମୋନାଲିଶା ଘୋଷ, ଅଭିଷେକ ଚତୁର୍ବେଦି, ଜିଟିଇଟିର ପ୍ରମୁଖ ଅଧିକାରୀ ମଧ୍ୟ ଯୋଗ ଦେଇଥିଲେ।

## ବ୍ୟାଙ୍କ ଖାତାରୁ ଟଙ୍କା ଗାଏବ

ହିଂଜିଳିକାଟୁ, ୧୪।୭(ଦ୍ୱିତୀକୃଷ୍ଣ ପଣ୍ଡା): ଗଞ୍ଜାମ ଜିଲା ହଞ୍ଜିଳିକାଟୁ ଷ୍ଟେଟ ବ୍ୟାଙ୍କର ଜଣେ ଗ୍ରାହକଙ୍କ ସଞ୍ଚୟ ଖାତାରୁ ତାଙ୍କର ଅଜାଣତରେ ଏଟିଏମ, ଇ ବ୍ୟାଙ୍କି ଓ ୟୁପିଆଇ ଟ୍ରାନସଫର ମାଧ୍ୟମରେ ଟଙ୍କା ହଡ଼ପ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ହଡ଼ପର ଶିକାର ହୋଇଛନ୍ତି ମକରଝୋଳ ଗ୍ରାମର କସ୍ତୁରୀ ନାଇକ। ଖାତାଧାରୀ ମହିଳା ଜଣେ ନିରକ୍ଷର ଓ ଆଙ୍ଗୁଠି ଛାପ କରି କାରବାର କରନ୍ତି। ସରକାରୀ ଆର୍ଥିକ ସହାୟତା ସହ କେରଳରେ କାମ କରୁଥିବା ପୁଅ ଓ ବିଶାଖପାଟଣାରେ କାମ କରୁଥିବା ଭାଇ ଉକ୍ତ ଆକାଉଣ୍ଟକୁ ନିୟମିତ ଟଙ୍କା ପଠାନ୍ତି। ଅନ୍ୟପକ୍ଷରେ ଏଟିଏମ କାର୍ଡ଼, ଇ ବ୍ୟାଙ୍କି ଇତ୍ୟାଦି ନିମନ୍ତେ ସେ ଆବେଦନ କରିନଥିବା ଅଭିଯୋଗରେ ଦର୍ଶାଇଛନ୍ତି। ସେ କେବେ ଏଟିଏମ କାର୍ଡ଼ ପାଇ ନାହାନ୍ତି କି ବ୍ୟବହାର କରିନଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଘଟଣା ସମ୍ପର୍କରେ ଜାଣିବା ପରେ ଗୁରୁବାର ହିଞ୍ଜିଳି ଥାନାରେ କସ୍ତୁରୀ ଅଭିଯୋଗ କରିଛନ୍ତି।

## ଦେବାଙ୍ଗୁଲୁ ସମ୍ପ୍ରଦାୟ ମହିଳାଙ୍କ କୁଙ୍କୁମ ପୂଜା


ମହିଳାମାନେ କୁଙ୍କୁମ ପୂଜା କରୁଛନ୍ତି।

ପୋଲସରା,୧୪।୭(ସୁବ୍ରତ ବେହେରା)

ପବିତ୍ର ଶ୍ରାବଣ ମାସ ଶୁକ୍ରବାର ପୋଲସରା ରତନୀ ମହାମୟୀ ମନ୍ଦିର ପରିସରରେ ଥିବା ଶ୍ରୀରାମଲିଙ୍ଗ ଚୌଡେଶ୍ୱରୀ ମନ୍ଦିରରେ ଦେବାଙ୍ଗୁଲୁ ସମ୍ପ୍ରଦାୟର ୪୦ରୁ ଅଧିକ ମହିଳା କୁଙ୍କୁମ ପୂଜା କରିଥଲେ। ସକାଳୁ ମନ୍ଦିରରେ ମା'ଙ୍କ ରୀତିନୀତି ଅନୁସାରେ ସମସ୍ତ ପୂଜାର୍ଚ୍ଚନା କରିବା ପରେ ସାଢ଼େ ୯ଟାରେ କଳସ ଯାତ୍ରା ହୋଇଥିଲା। ମହିଳାମାନେ ଶୋଭାଯାତ୍ରାରେ ବାହାରି ପୁଣ୍ୟତୋୟା ଓ ଆହ୍ୟରାଣୀ ବନ୍ଧରୁ ଜଳ ଉଠାଇ ମନ୍ଦିରରେ ସ୍ଥାପନା କରିବା ପରେ କୁଙ୍କୁମ ପୂଜା ଆରମ୍ଭ ହୋଇଥିଲା। ୨ ଘଣ୍ଟା ପର୍ଯ୍ୟନ୍ତ ପୂଜା ପରେ କଳସ ବିସର୍ଜନ କରାଯାଇଥିଲା। କୁଳ ସଭ୍ୟା ଏ ଶ୍ରୀଦେବୀ ବ୍ରହ୍ମାସନ ବରଣ କରି ଲଳିତା ସହସ୍ର ନାମ, ଲଳିତା ସ୍ତୋତ୍ର, ଲଳିତା ଶତନାମାବଳୀ ପଠନ କରିଥିଲେ। କାର୍ଯ୍ୟକ୍ରମକୁ କୁଳର ଦଳବେହେରା, ଆର୍ ବାବୁ ପାତ୍ର, ଏନ୍ ଭାସ୍କର, ବି ରାମାରାଓ, ଆର୍ କାମରାଜୁ, ଜି ବାବୁଲା, ଇ ଶଙ୍କର ସମେତ କୁଳ ସଭ୍ୟ ପରିଚାଳନା କରିଥଲେ।

## ଆଉଟସୋର୍ସିଂ କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

କ.ନୂଆଗାଁ,୧୪।୭(କାଳୀପ୍ରସାଦ ତ୍ରିପାଠୀ)

ଦୀର୍ଘଦିନ ଧରି ନିୟମିତ ହେବାକୁ ଦାବିକରି ଆସୁଥିବା ଆଉଟସୋର୍ସିଂ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି। କନ୍ଧମାଳ ଜିଲାରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଏହି କଳାବ୍ୟାଜ୍ ପିନ୍ଧି ଗତ ୧୦ରୁ ଶାନ୍ତିପୂର୍ଣ୍ଣ ଭାବେ ନିଜ କାର୍ଯ୍ୟ କରୁଛନ୍ତି। କ. ନୂଆଗାଁ ବ୍ଲକ କାର୍ଯ୍ୟାଳୟ ସହ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଆଉଟସୋର୍ସିଂ କର୍ମଚାରୀ ୫ ଦିନ ହେଲା କଳାବ୍ୟାଜ୍ ପରିଧାନକରି କାର୍ଯ୍ୟରେ ସାମିଲ ହୋଇଛନ୍ତି। 'ସମାନ କାମକୁ ସମାନ ଦରମା' ଚାକିରିକୁ ନିୟମିତ ଦାବିକରି ପୂର୍ବରୁ ଆନ୍ଦୋଳନ କରିଥିଲେ ମଧ୍ୟ ସରକାର କୌଣସି ଗୁରୁତ୍ୱ ଦେଇ ନ ଥିବା ଅଭିଯୋଗ ହୋଇଛି। ୩୧ ତାରିଖରେ ନବୀନ ନିବାସ ଘେରାଉ କରିବା ଯୋଜନା ଥିବା ଗଣେଶ ବେହେର ଦଳେଇ, ସଞ୍ଜୟ ନାୟକ ଓ ବିଜୟଲକ୍ଷ୍ମୀ ନାୟକ ଓ ସମସ୍ତ ଆଉଟସୋର୍ସିଂ କର୍ମଚାରୀ କହିଛନ୍ତି।

## ୪୮୬୪ କିଲୋ ଗଞ୍ଜେଇ ପୋଡ଼ାଗଲା

ଶେରଗଡ, ୧୪।୭(ସୂର୍ଯ୍ୟନାରାୟଣ ଦାଶ): ଶେରଗଡ ବ୍ଲକ କରଡାକଣା ଗ୍ରାମ ପଞ୍ଚାୟତ ଆଦିବାସୀ ଗ୍ରାମ ଅରଖପଦାରେ ରହିଛି ଏକ ବର୍ଜ୍ୟବସ୍ତୁ ନଷ୍ଟ କରିବା ଶିଳ୍ପ। ଏଠାରେ ଗତ କିଛିଦିନ ହେଲା ବିଭିନ୍ନ ଥାନାମାନଙ୍କରେ ଜବତ ହୋଇଥିବା ଗଞ୍ଜେଇଗୁଡିକ ପୋଡ଼ି ନଷ୍ଟ କରାଯାଉଛି। ଗୁରୁବାର ବ୍ରହ୍ମପୁର ଏସପି ଡ. ଶ୍ରବଣ ବିବେକ, ଅବକାରୀ ସୁପରିଟେଣ୍ଡେଣ୍ଟ ରମେନ୍ଦ୍ର କୁମାର ନାୟକ, ଡେପୁଟି କଲେକ୍ଟର ଶୁଭଶ୍ରୀ ରଥ ପ୍ରମୁଖଙ୍କ ଉପସ୍ଥିତିରେ ୪୮୬୪.୪୬ କିଲୋ ଗଞ୍ଜେଇ ଓ ୯.୪୮ କିଗ୍ରା ଧଳା ଜହର ପୋଡ଼ି ନଷ୍ଟ କରାଯାଇଛି।

## ବିଦ୍ୟାଳୟକୁ ଶିକ୍ଷୟିତ୍ରୀ ବିଳମ୍ବରେ ଆସୁଥିବା ଅଭିଯୋଗ

ଦାରିଙ୍ଗବାଡି,୧୪।୭(ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ କଲୋନୀ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷୟିତ୍ରୀମାନେ ବିଳମ୍ବରେ ଆସୁଥିବା ଅଭିଯୋଗ ହୋଇଛି। ଫାଟକରେ ତାଲା ପଡ଼ିଥିବାରୁ ପିଲାମାନେ ଦୀର୍ଘ ସମୟ ଧରି ଠିଆହୋଇ ରହୁଛନ୍ତି। ସକାଳ ୧୦ଟା ପୂର୍ବରୁ ଶିକ୍ଷୟିତ୍ରୀମାନେ ସ୍କୁଲରେ ପହଞ୍ଚିବାର ନିୟମ ଥିଲା ବେଳେ କେତେକ ଶିକ୍ଷୟିତ୍ରୀ ପ୍ରାର୍ଥନା ସମୟରେ ଓ ପରେ ପହଞ୍ଚୁଛନ୍ତି। ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ନାୟକ କହିଛନ୍ତି ଛାତ୍ରୀଛାତ୍ରଙ୍କୁ ସାଢେ ୯ଟା ପୂର୍ବରୁ ଆସିବାକୁ ବାରଣ କରାଯାଇଛି, ହେଲେ ସେମାନେ ଶୀଘ୍ର ଆସିଯାଉଛନ୍ତି। ସମସ୍ତ ଶିକ୍ଷୟିତ୍ରୀ ଶୀଘ୍ର ଆସୁଛନ୍ତି। ଦୁରଦୂରାନ୍ତରୁ ଆସୁଥିବାରୁ କେତେବେଳେ କେମିତି ବିଳମ୍ବ ହୋଇଯାଉଛି। ପରିଚାଳନା କମିଟି ସଭାପତି ମଧ୍ୟ ଶିକ୍ଷୟିତ୍ରୀମାନେ ବିଳମ୍ବ ଆସିବା ଘଟଣା ଆସନ୍ତା ମିଟିଂରେ ଆଲୋଚନା କରାଯିବ ବୋଲି କହିଛନ୍ତି। ବିଇଓ ରସାନନ୍ଦ କର କହିଛନ୍ତି, ଅଭିଯୋଗର ତଦନ୍ତ କରିବେ।

# ଗ୍ରାମ୍ୟ କୃଷି କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

**ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ଆନ୍ଦୋଳନ**

ଛତ୍ରପୁର(ସନ୍ତୋଷ ପାଢ଼ୀ)/ପୋଲସରା (ସୁବ୍ରତ ବେହେରା)/ ଜଗନ୍ନାଥପ୍ରସାଦ (ବିଭୁ ପ୍ରସାଦ ପଟ୍ଟନାୟକ), ୧୪।୭


ଛତ୍ରପୁରରେ କଳାବ୍ୟାଜ ପରିଧାନ କରିଥିବା କୃଷି କର୍ମଚାରୀମାନେ।

ଓଡିଶା ଗ୍ରାମ୍ୟ କୃଷି କର୍ମଚାରୀ ଏବଂ ମହିଳା କୃଷି କର୍ମଚାରୀ ସଂଘ ପକ୍ଷରୁ ୬ଦଫା ଦାବି ନେଇ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଶୁକ୍ରବାରଠାରୁ କଳାବ୍ୟାଜ ପରିଧାନ କରାଯାଇଛି। ସଂଗଠନର ରାଜ୍ୟ ଆବାହକ ପ୍ରଦୀପ କୁମାର ପ୍ରଧାନଙ୍କ ଆହ୍ୱାନକ୍ରମେ ସମସ୍ତ ବ୍ଲକ କୃଷି କାର୍ଯ୍ୟାଳୟରେ ୨୦ତାରିଖ ପର୍ଯ୍ୟନ୍ତ କର୍ମଚାରୀମାନେ କଳାବ୍ୟାଜ ପରିଧାନ କରିବେ। ଦାବିଗୁଡିକ ମଧ୍ୟରେ ଗ୍ରାମ୍ୟ କୃଷି କର୍ମଚାରୀ ବଦଳରେ କୃଷି ସଂପ୍ରସାରଣ ଅଧିକାରୀ ମାନ୍ୟତା, ଗ୍ରେଡ ପ' ୨ ହଜାରରୁ ୪୨୦୦ ଟଙ୍କାକୁ ବୃଦ୍ଧି, ଚାକିରୀ କାଳ ମଧ୍ୟରେ ୩ରୁ ୪ଟି ପଦୋନ୍ନତି, ଚୁକ୍ତିଭିତ୍ତିକ ବ୍ୟବସ୍ଥା ଉଚ୍ଛେଦ, ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ କମ୍ପ୍ୟୁଟର ଓ ମୋବାଇଲ ପ୍ରଦାନ, ଗ୍ରାମ୍ୟ କୃଷି କର୍ମଚାରୀଙ୍କ ସଂଶୋଧିତ ଜବଚାର୍ଟ ଘୋଷଣା ଆଦି ରହିଛି। ଦାବି ପୂରଣ ନ ହେଲେ ଅଗଷ୍ଟ ୧ରୁ ସମୂହ ଛୁଟିରେ ରହିବା ସହିତ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଛତ୍ରପୁର ବ୍ଲକ ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ସମ୍ପାଦକ ବୈରାଗୀ ସ୍ୱାଇଁ, କେ.ନାରାୟଣ ରାଓ, ଅଶୋକ ସାହୁ, ନିହାରୀକା ପଣ୍ଡା, ରୋଜାଲିନ ପାତ୍ର ପ୍ରମୁଖ କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରୁଛନ୍ତି। ସେହିପରି ପୋଲସରା ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସହକାରୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ସମସ୍ତ ଗ୍ରାମ୍ୟ କୃଷି କର୍ମଚାରୀ କଳାବ୍ୟାଜ ପରିଧାନ କରି କାର୍ଯ୍ୟାଳୟରେ ଶାନ୍ତିପୂର୍ଣ୍ଣ ଭାବେ କାର୍ଯ୍ୟ କରିଆସୁଛନ୍ତି। ସରକାର ଦାବି ପୂରଣ କରିବାକୁ ସଙ୍ଗଠନ ଜିଲା ସମ୍ପାଦକ ରାଜେଶ କୁମାର ସେଠୀ, କୃଷ୍ଣ ଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ସାହୁ, ମଣି ଶଙ୍କର ଦାସ, ବାହନ ବାରିକ ପ୍ରମୁଖ ଅନୁରୋଧ କରିଛନ୍ତି। ସେହିପରି ଜଗନ୍ନାଥପ୍ରସାଦ ବ୍ଲକ ଓଡ଼ିଶା ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ଦିଲୀପ ପ୍ରଧାନ, ରଞ୍ଜନ କୁମାର ସିଂ, ତୋଫାନ ବେହେରା, ନରେନ୍ଦ୍ର ପାଣିଗ୍ରାହୀ, ଚନ୍ଦନ ସାହୁ, ମନୋଜ ପଣ୍ଡା, ଜିତେନ୍ଦ୍ର ବେହେରା, ସଂଜୀବ ନାୟକ କଳାବ୍ୟାଜ ପିନ୍ଧିଛନ୍ତି। ସରକାର ଦାବି ନ ଶୁଣିଲେ ୧ରୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ସମୂହ କର୍ମୀ ଛୁଟିରେ ଯିବେ ବୋଲି ସମ୍ପାଦକ କବିରାଜ ଗୌଡ଼ କହିଛନ୍ତି।

# ଭଲ ଫସଲ ଅମଳ ପାଇଁ ଆଶା ବାନ୍ଧିଛି ଚାଷୀ

ପାରଳାଖେମୁଣ୍ଡି, ୧୪।୭(ଗିରିଧାରୀ ପରିଛା) :


ଜଣେ ଚାଷୀ ଜମିରେ ଚାଷ କାର୍ଯ୍ୟରେ ବ୍ୟସ୍ତ।

ଗଜପତି ଜିଲାର ପ୍ରାୟ ୮୦ ପ୍ରତିଶତରୁ ଅଧିକ ଲୋକ ଚାଷ ଉପରେ ନିର୍ଭର କରିଥାନ୍ତି। କିଏ ଅର୍ଥକାରୀ ଫସଲ ତ ଆଉ କିଏ ପରିବା ଚାଷ କରନ୍ତି। ମୋଟ ୮୪୮୦୩ ହେକ୍ଟର ଚାଷଜମି ମଧ୍ୟରୁ ୮୨ .୧୨୫ ହେକ୍ଟର ଚାଷଜମି ଖରିଫ ଫସଲ ଉପଯୋଗୀ ରହିଛି। ସେଥିମଧ୍ୟରୁ ୩୫୧୨୧ ହେକ୍ଟର ଚାଷଜମି ଜଳସେଚନର ସୁବିଧା ରହିଛି। ଜିଲାର ଭାତ ହାଣ୍ଡି କୁହାଯାଉଥିବା ଗୋଷାଣି ବ୍ଲକରେ ସର୍ବାଧିକ ଧାନ ଚାଷ ଉପରେ ନିର୍ଭର କରିଥାନ୍ତି। ସେହି ବ୍ଲକରେ ହିଁ ଅଧିକ ଜଳସେଚିତ ଜମି ରହିଛି। ଅନ୍ୟ ବ୍ଲକରେ ମୁଖ୍ୟତଃ ସମତଳ ଅଞ୍ଚଳକୁ ଛାଡି ଦେଲେ ଧାନଚାଷ ଉପଯୋଗୀ ନଥିବାରୁ କେବଳ ଗୋଷାଣୀ ଓ କାଶୀନଗର ବ୍ଲକ ଅଞ୍ଚଳରେ ୨୧୪୭୧ ହେକ୍ଟର ଜମିରେ ଧାନଚାଷ କରାଯାଏ, ଯାହାକି ଜିଲ୍ଲାରେ ମୋଟ ଜଳସେଚିତ ଚାଷଜମିର ୫୦ ପ୍ରତିଶତରୁ ଅଧିକ।

ଚଳିତ ବର୍ଷ ଖରିଫ ଋତୁ ପୂର୍ବରୁ ବର୍ଷାର ପରିମାଣ ଆପାତତଃ ଠିକ ରହିଥିବା ହେତୁ ଧାନ ଫସଲ ଭଲ ହେବ ବୋଲି ଆଶା ରଖିଛି ଚାଷୀ। ସରକାରୀ ତଥ୍ୟ ଅନୁସାରେ ଜିଲାରେ ମୋଟାମୋଟି ଭାବରେ ୧୯୯.୭ ମିଲିମିଟର ବର୍ଷାର ଆବଶ୍ୟକ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୧୮.୧୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଲଘୁଚାପ ଜନିତ ବର୍ଷା ମଧ୍ୟ ଜାରି ରହିଛି। ଅନ୍ୟପକ୍ଷରେ ଜିଲାର ସମସ୍ତ ୭ଟି ବ୍ଲକରେ ୪୭ ଲ୍ୟାମ୍ପ ଓ ୩୭ଟି ଘରୋଇ ଡିଲର ଜରିଆରେ ୫୫୦୦ କୁଇଣ୍ଟାଲ ବିହନ ବିକ୍ରି ହୋଇଛି। ଏବେବି ଆବଶ୍ୟକ ପରିମାଣର ବିହନ ଉପଲବ୍ଧ ରହିଛି। ତେଣୁ ଚାଷ କାର୍ଯ୍ୟରେ କୌଣସି ସମସ୍ୟା ଉପୁଯିବ ନାହିଁ ବୋଲି କହିଛନ୍ତି ଜିଲା ମୁଖ୍ୟ କୃଷି ଅଧିକାରୀ ଆରୀନେଶ୍ୱ ପ୍ରଧାନ। ଏ ସମ୍ପର୍କରେ ଚାଷୀ ନେତାଙ୍କ କହିବା ହେଲା ପୂର୍ବ ଭଳି ଆଉ ଚାଷ କାର୍ଯ୍ୟରେ ମନ ବଳାଉନାହାନ୍ତି ଚାଷୀ। ଚାଷ ଜମି ମଧ୍ୟ କମି କମି ଆସିଲାଣି। ଆବଶ୍ୟକ କିସମର ବିହନ ମିଳୁନି। ତେଣୁ ଅଧିକାଂଶ ଚାଷୀ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରୁ ବିହନ ଚଢ଼ା ଦରରେ କିଣୁଛନ୍ତି। ବର୍ଷା ଆବଶ୍ୟକ ଠାରୁ କମ ହୋଇଛି। ଆଗକୁ ନିଅଣ୍ଟିଆ ବର୍ଷା ହେଲେ ପୂର୍ବଭଳି ମରୁଡି ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି। କାରଣ ନଦୀ ଜଳ ଉପରେ ଆଉ ଭରସା କରି ହେଉନି। ପୂର୍ବ ଭଳି ନଦୀରେ ମଧ୍ୟ ଜଳ ରହୁନି। ମହେନ୍ଦ୍ରତନୟା ଓ ବଂଶଧାରାର ପାଣି ଆନ୍ଧ୍ର ଶୋଷି ନେଉଛି। ଆମ ଜିଲା ମଧ୍ୟରେ ନଦୀ ଜଳ ସଂଗ୍ରହ କରି ରଖିବାକୁ କୌଣସି ଆନିକଟର ବ୍ୟବସ୍ଥା ଏବେ ପର୍ଯ୍ୟନ୍ତ ହୋଇ ପାରିଲା ନାହିଁ ବୋଲି କହିଛନ୍ତି ଜିଲ୍ଲା କୃଷକ ସଂଘର ସଭାପତି ସୂର୍ଯ୍ୟ ନାରାୟଣ ପଟ୍ଟନାୟକ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୫ ଜୁଲାଇ, ୨୦୨୩



## ଆଜି କ'ଣ କେଉଁଠି

ଦାରିଙ୍ଗବାଡ଼ି

- ବିଶ୍ୱ ଯୁବ ଦକ୍ଷତା ଦିବସ, ସ୍ଥାନ: ସରକାରୀ ଆଇଟିଆଇ। ସମୟ: ପୂର୍ବାହ୍ନ ୧୦ଟା।
- ପୋକ୍‌ସୋ ଆଇନ ସଚେତନତା। ସ୍ଥାନ–ସରକାରୀ ଆଇଟିଆଇ। ସମୟ –ଅପରାହ୍ନ ୩ଟା।

## ସଂକ୍ଷେପରେ

### ଗଞ୍ଜାମ ଜିଲା ଗସ୍ତରେ ଆସିବେ ୫-ଟି ସଚିବ

**ବିଭିନ୍ନ ପ୍ରକଳ୍ପକୁ ଅନୁଦାନ ମିଳିବ**

**ଭଞ୍ଜନଗର,୧୪।୭ (ବାବୁଲା ପ୍ରଧାନ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ସଚିବ ଭି.କେ.ପାଣ୍ଡିୟାନ ଚଳିତ ମାସ ଶେଷ ସପ୍ତାହ ବେଳକୁ ଗଞ୍ଜାମ ଜିଲା ଗସ୍ତରେ ଆସି ବିଭିନ୍ନ ବ୍ଲକ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏନେଇ ଜିଲା ପ୍ରଶାସନ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ଚାଲିଛି। ସଚିବଙ୍କ ଗସ୍ତ ସମୟରେ କିଛି ପ୍ରକଳ୍ପ ପାଇଁ ଅନୁଦାନ ଘୋଷଣା ହେବ। ଏଥିସହ ଆଉ କିଛି ପ୍ରକଳ୍ପକୁ ପରବର୍ତ୍ତି ପର୍ଯ୍ୟାୟରେ ଅନୁମୋଦନ ମିଳିବ। ତେଣୁ ଶାସକଦଳର କର୍ମୀ ଏବଂ ନେତାମାନେ ତତ୍ପର ହୋଇପଡ଼ିଛନ୍ତି। ଭଞ୍ଜନଗର ନିକଟସ୍ଥ କୁଲାଡ଼ ଜଗନ୍ନାଥ ମନ୍ଦିର ପରିଦର୍ଶନରେ ସଚିବ ଆସିବାର ସମ୍ଭାବନା ରହିଛି । ସେଠାରେ ସ୍ଥାନୀୟ ଲୋକ ପ୍ରତିନିଧି, ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ଅଫିସରଙ୍କ ସହ ଆଲୋଚନା କରିବେ। ତେଣୁ ମନ୍ଦିର ସମ୍ପର୍କରେ ପୂର୍ଣ୍ଣାଙ୍ଗ ରିପୋର୍ଟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ପାଖକୁ ପ୍ରଶାସନ ପକ୍ଷରୁ ପଠାଯାଇଛି । ସଚିବଙ୍କ ଗସ୍ତ ସମୟରେ ଘୁମୁସରବାସୀଙ୍କ ଆଶା ପୂରଣ ହେବାର ସମ୍ଭାବନା ରହିଛି । ଏଥିସହ ଗଞ୍ଜାମ ଜିଲାରେ ୧୫ଶହ କୋଟି ଟଙ୍କା ବ୍ୟୟରେ ହେବାକୁ ଯାଉଥିବା ବୃହତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ନେଇ ସମୀକ୍ଷା କରିପାରନ୍ତି। ଉକ୍ତ ପ୍ରକଳ୍ପ ପାଇଁ ଜଗନ୍ନାଥପ୍ରସାଦ ବ୍ଲକ ଗାୟଗଣ୍ଡା ଠାରେ ୧୬ ଏକର ପରିମିତ ଅଞ୍ଚଳରେ ହେବାକୁ ଥିବା ସବୁ ସ୍ଥଳ ବୁଲି ଦେଖିବେ। ୫ଟି ସଚିବଙ୍କ ଗସ୍ତ କିଭଳି ସଫଳ ହେବ ସେଥିପାଇଁ ଶାସକଦଳର ନେତା, କର୍ମୀ ଏବଂ ଅଫିସରମାନେ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି ।

### ବିଧାୟକ, ମେୟରଙ୍କ ଭିଭି ଗିରି ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ

**ବ୍ରହ୍ମପୁର,୧୪।୭(ତନୁଶ୍ରୀ ନାହାକ):** ବ୍ରହ୍ମପୁର ଶଶିଭୂଷଣ ରଥ ଉଚ୍ଚ ମାଧମିକ ବିଦ୍ୟାଳୟକୁ ସ୍ଥାନୀୟ ଭିଭି ଗିରି ବାଳିକା ଉଚ୍ଚ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯିବା ନେଇ ଯୋଜନା ଆରମ୍ଭ ହୋଇଛି। ଏହି କାର୍ଯ୍ୟ ଯଥାଶୀଘ୍ର ହେବ। ଏହାପୂର୍ବରୁ ଭିଭିଗିରି ବାଳିକା ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ୨ ପାଠ୍ୟକ୍ରମ ନିମନ୍ତେ ଭିତ୍ତିଭୂମି ଯାଞ୍ଚ କରିବା ନିମନ୍ତେ ଜିଲା ଶିକ୍ଷାଧିକାରୀ ବିନୀତା ସେନାପତିଙ୍କ ଉପସ୍ଥିତିରେ ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳାଇଙ୍କ ଓ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମହୋନ ସାହୁ ଶୁକ୍ରବାର ଭିଭିଗିରି ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏଠାରେ ଯୁକ୍ତ ୨ ପାଠ୍ୟକ୍ରମ ନିମନ୍ତେ ଆବଶ୍ୟକୀୟ ଭିତ୍ତିଭୂମି ରହିଛି, ସ୍ଥାନାନ୍ତରଣ ସମ୍ପର୍କରେ ଜିଲାପାଳଙ୍କୁ ପ୍ରସ୍ତାବ ଦିଆଯାଇଥିବା ବିଧାୟକ ପଣ୍ଡା କହିଛନ୍ତି। ମଞ୍ଜୁରୀ ପରେ ଅତିଶୀଘ୍ର ଶଶିଭୂଷଣ ରଥ ସରକାରୀ ମାଧମିକ ବିଦ୍ୟାଳୟକୁ ଏଠାକୁ ସ୍ଥାନାନ୍ତର କରାଯିବ ବୋଲି ବିଧାୟକ କହିଛନ୍ତି।

# ଲିଙ୍ଗ ନିରୂପଣକାରୀଙ୍କ ତଥ୍ୟ ଦେଲେ ମିଳିବ ୨୫ ହଜାର




ଏଡିଏମ ଓ ଅନ୍ୟମାନେ ।

**ଛତ୍ରପୁର,୧୪।୭ (ସନ୍ତୋଷ ପାଢ଼ୀ)**

### ନାମ ଗୋପନ ରଖାଯିବ, ଅଲଟ୍ରାସାଉଣ୍ଡ କ୍ଲିନିକ ଯାଞ୍ଚ ନିର୍ଦ୍ଦେଶ

କନ୍ୟା ଭ୍ରୁଣ ହତ୍ୟା ଆଇନଗତ ଦଣ୍ଡନୀୟ ଅପରାଧ। ଗଞ୍ଜାମ ଜିଲାରେ କୌଣସିଠାରେ ଲିଙ୍ଗ ନିରୂପଣ କରି ଭ୍ରୁଣ ହତ୍ୟା ହେଉଥିବା ସୂଚନା ଦେଲେ ନାମ ଗୋପନ ରଖାଯାଇ ୨୫ ହଜାର ଟଙ୍କା ଦିଆଯିବ। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସଙ୍କ ଅଧ୍ୟକ୍ଷତାରେ ପ୍ରସବ ପୂର୍ବ ଓ ପରବର୍ତ୍ତୀ ଲିଙ୍ଗ ନିରୂପଣ ନିରୋଧ ଆଇନ ସମ୍ପର୍କିତ ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକରେ ଏହା ନିଷ୍ପତ୍ତି ହୋଇଛି ।

ଜିଲାପାଳଙ୍କ ସଦଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ମାର୍ଚ୍ଚ ୨୯ ତାରିଖରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ପ୍ରକାରେ ଜିଲାରେ ଡାଏଗ୍ନୋଷ୍ଟିକ ସେଣ୍ଟର ନିମନ୍ତେ ଆବେଦନ ହୋଇଥିବା ଚିକିତ୍ସାଳୟଗୁଡିକର ବୈଷୟିକ ଟିମ ଦ୍ୱାରା ଯାଞ୍ଚ କରାଯାଇ ଅନୁମୋଦନ କରାଯାଇଥିଲା। ପୁଅଙ୍କ ତୁଳନାରେ ଝିଅ ସଂଖ୍ୟା କମ୍ ହେଲେ ସମାଜରେ ଅନେକ ସମସ୍ୟା ଦେଖାଯାଏ। କନ୍ୟା ଭ୍ରୁଣ ଚିହ୍ନଟ ଏବଂ କନ୍ୟା ଭ୍ରୁଣ ନଷ୍ଟ କରିବା ଦିଗରେ ପ୍ରଥମ ସୂଚନା ଜିଲା ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଚିକିତ୍ସାଧିକାରୀ ପରିବାର କଲ୍ୟାଣ ବିଭାଗକୁ ପ୍ରଦାନ କରିବାକୁ କୁହାଯାଇଛି। ଲିଙ୍ଗ ନିରୂପଣ କରୁଥିବା ଡାଏଗ୍ନୋଷ୍ଟିକ ସେଣ୍ଟରଗୁଡିକୁ ବନ୍ଦ କରାଯିବ। ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଅତିରିକ୍ତ ଜିଲାପାଳ ଖେସ ନିର୍ଦ୍ଦେଶ ଦେଇଥିଲେ। ପଞ୍ଜୀକୃତ ହୋଇଥିବା ଡାଏଗ୍ନୋଷ୍ଟିକ ସେଣ୍ଟରଗୁଡିକ ପ୍ରତି ନଜର ରଖିବାକୁ ପରାମର୍ଶ ଦେଇଥିଲେ। ବିଗତ ଭଳି ବିଭିନ୍ନ ବ୍ଲକରେ ସନ୍ଦିଗ୍ଧ ଥିବା ସେଣ୍ଟରଗୁଡିକୁ ଭିଜିଲାଣ୍ଟ ହୋଇ କମିଟି ଦ୍ୱାରା ନିୟମିତ ବ୍ୟବଧାନରେ ଚଢ଼ାଉ କାର୍ଯ୍ୟକୁ ବ୍ୟାପକ କରିବାକୁ ଆଲୋଚନା ହୋଇଥିଲା । ଏ ସମ୍ପର୍କରେ ସଚେତନତା କାର୍ଯ୍ୟକୁ ବ୍ୟାପକ କରିବାକୁ ପରାମର୍ଶ ଦିଆଯାଇଛି। ଜିଲାରେ କାର୍ଯ୍ୟକାରୀ ହେଉଥିବା ୱାନ ଷ୍ଟପ ସେଣ୍ଟର ସଖୀ ସମ୍ପର୍କିତ ଏବଂ କନ୍ୟା ରତ୍ନର ଆବଶ୍ୟକତା ସମ୍ପର୍କିତ ତଥ୍ୟ ପ୍ରଚାର ଓ ପ୍ରସାର କରିବାକୁ କୁହାଯାଇଛି।

ବୈଠକରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ପରିବାର କଲ୍ୟାଣ ଡା. ଭି ସରୋଜିନୀ ଦେବୀ, ଡେପୁଟି କଲେକ୍ଟର, ଜୁଡିସିଆଲ ଦୀପ୍ତି କୁମାରୀ ପାତ୍ର ,ଡା. ସୁଚିତ୍ରା ସାହୁ, ଡା ଭବାନୀ ଶଙ୍କର ମିଶ୍ର , ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ କୁମାର ଷଡଙ୍ଗୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ସାମାଜିକ କର୍ମୀ ପ୍ରଦୀପ ପଣ୍ଡା , ଡିପିଏମୟୁ ଜିଲା ସଂଯୋଜକ ଶକ୍ତି କୁମାର ଦିଗାଲ, ଆଇନପରାମର୍ଶ କର୍ମୀ ଦିଲୀପ କୁମାର ପଣ୍ଡା, ଜିଲା ଡ୍ରଗ ଇନ୍ସପେକ୍ଟରମାନେ ଉପସ୍ଥିତ ଥିଲେ।

# ଏମ୍‌କେସିଜି ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ



ବୈଠକରେ ଉପସ୍ଥିତ ଏମ୍‌ପି, ବିଧାୟକ, ମେୟର, ଆରଡିସି ଓ ଅନ୍ୟମାନେ।

**ବ୍ରହ୍ମପୁର,୧୪।୭ (ସୁବାସ ଚନ୍ଦ୍ର ପାଢ଼ୀ)**

ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ବ୍ରହ୍ମପୁର ବଡ଼ ଡାକ୍ତରଖାନାର ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ କମିଶନର୍ ଟି. ଆପାଙ୍ଗ ଆଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବଡ଼ ଡାକ୍ତରଖାନାର ବିଭିନ୍ନ ସମସ୍ୟା ଓ ସୁପରିଚାଳନା ଉପରେ ଆଲୋଚନା କରାଯାଇଥିଲା। ବୈଠକ ପରେ ଜିଲାପାଳ ଖବରଦାତାଙ୍କୁ କହିଥିଲେ ଯେ, ଏମକେସିଜି ମେଡିକାଲରେ ଥିବା ସମସ୍ୟା ସମାଧାନ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ସୁପରସ୍ପେସାଲିଟି ବ୍ଲକରେ ଲାଗି ରହିଥିବା ସମସ୍ୟା ଓ ମରାମତି ଦିଗରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏମକେସିଜିର ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବା, ଆଗକୁ ବର୍ଷା ଥିବାରୁ ଡାକ୍ତରଖାନା ଦେଇ ଯାଇଥିବା ଡ୍ରେନ୍ ସଫେଇ ଉପରେ ଆଲୋଚନା ହୋଇଥିଲା। ଅସୁରକ୍ଷିତ ଘୋଷିତ ପୁରୁଣା କୋଠା ଭଙ୍ଗାଯିବା ପାଇଁ ଟେକ୍ନିକାଲ୍ ଟିମ୍ ତାଙ୍କର କାମ ଆରମ୍ଭ କରିଛନ୍ତି। ଖୁବଶୀଘ୍ର ଏ ଦିଗରେ ନିଷ୍ପତ୍ତି ନିଆଯିବ ବୋଲି ଜିଲାପାଳ କହିଛନ୍ତି। ରୋଗୀଙ୍କ ସୁବିଧା ପାଇଁ ନୂଆ ବସଷ୍ଟାଣ୍ଡ ପଟ ଗେଟ୍ ଦେଇ ଆମ୍ବୁଲାନ୍ସ ଛାଡ଼ିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିବା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ସୂଚନା ଦେଇଥିଲେ। ଏମକେସିଜି ମେଡିକାଲରେ ଖାଲି ପଡ଼ିଥିବା ଡାକ୍ତର ଏବଂ ଅନ୍ୟ କର୍ମଚାରୀ ପୂରଣ ଦିଗରେ ଆଲୋଚନା କରାଯାଇଥିବା ବିଧାୟକ କହିଛନ୍ତି। ସେହିପରି ବ୍ରହ୍ମପୁର ଏସ୍.ପି. ଡା. ସର୍ବଣା ବିବେକ ଏମ . ଏମକେସିଜି ମେଡିକାଲ ପରିତ୍ୟକ୍ତ କୋଠାରୁ ଜବତ ହୋଇଥିବା ଔଷଧ ସମ୍ପର୍କରେ ଅଭିଯୋଗକ୍ରମେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି। ବୈଠକରେ ଡିଏମ୍ଇଟି ଡା. ସଚ୍ଚିକାନ୍ତ ମହାନ୍ତି, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ବ୍ରହ୍ମପୁର ଏସ୍.ପି. ଡା. ସର୍ବଣା ବିବେକ ଏମ୍., ବିଏମସି କମିଶନର୍ ଜେ. ସୋନାଲ୍, ଏମ୍‌ପି ଚନ୍ଦ୍ର ଶେଖର ସାହୁ, ବିଧାୟକ ପଣ୍ଡା ଓ ମେୟର ସଂଘମିତ୍ରା ଦଳାଇ ମଞ୍ଚାସୀନ ଥିଲେ। ଏମକେସିଜି ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ସନ୍ତୋଷ କୁମାର ମିଶ୍ର, ଅଧୀକ୍ଷକ ପ୍ରଫେସର ସୁଚିତ୍ରା ଦାଶ, ରେଜିଷ୍ଟ୍ରାର୍ ସଂଗ୍ରାମ ପଣ୍ଡା, ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ. ବଙ୍କିମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସମାଜକୁ ବିଜ୍ଞାନର ଦାନ ସମ୍ପର୍କିତ ସ୍ୱତନ୍ତ୍ର ବକ୍ତୃତା

**ବ୍ରହ୍ମପୁର,୧୪।୭(ତନୁଶ୍ରୀ ନାହାକ)**



ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟବକ୍ତା ଓ କୁଳପତି।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ବିଶ୍ୱବିଦ୍ୟାଳୟ କନଫରେନ୍ସ ହଲଠାରେ 'ସମାଜକୁ ବିଜ୍ଞାନର ଦାନ' ଶୀର୍ଷକ ଏକ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ଆଇଜର ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଗାଙ୍ଗୁଲି ମୁଖ୍ୟ ବକ୍ତା ଓ ସ୍ନାତକୋତ୍ତର ବିଭାଗର ମୁଖ୍ୟ ପ୍ରଫେସର ସୁଶାନ୍ତ କୁମାର ବରାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରସାୟନ ବିଜ୍ଞାନ ବିଭାଗ ପ୍ରଫେସର ଡ଼.ଏଲଡ଼ି ରାଉତ ଓ ପ୍ରଫେସର ଡ଼.ସଦାନନ୍ଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ଗାଙ୍ଗୁଲି ନିଜ ଅଭିଭାଷଣରେ ପ୍ରଥମେ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥାପନ କରିବା ସହ ସମାଜକୁ ବିଜ୍ଞାନର ଉପହାର ଓ ଏହାଦ୍ୱାରା ହୋଇଥିବା ସାମାଜିକ ପରିବର୍ତ୍ତନ ସମ୍ପର୍କରେ କହିଥିଲେ। ସେହିପରି କୁଳପତି ପ୍ରଫେସର ଦାସ ନିଜ ବକ୍ତବ୍ୟରେ ବିଜ୍ଞାନ ଯୋଗୁ ଜାପାନ ଭଳି କ୍ଷୁଦ୍ର ଦେଶ ମଧ ପୃଥିବୀର ଅଗ୍ରଣୀ ଦେଶ ମଧ୍ୟରୁ ଅନ୍ୟତମ ହୋଇପାରିଥିବା ଉଦାହରଣ ଦେଇଥିଲେ। ଶ୍ରେଷ୍ଠ ବୈଜ୍ଞାନିକ ହେବା ନିମନ୍ତେ ମନରେ ଇଚ୍ଛାଶକ୍ତି ଓ ବିଜ୍ଞାନ ପ୍ରତି ଆଗ୍ରହ ରହିବା ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ବହୁ ଗବେଷକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ।

# ଚିକିତ୍ସାଧୀନ ଅବସ୍ଥାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**ବୁଗୁଡ଼ା,୧୪।୭ (କାଳି ଚରଣ ଦାଶ)**

ଗଞ୍ଜାମ ଜିଲା ବୁଗୁଡା ଥାନା କରଚୁଲି ଗ୍ରାମର କୈଳାଶ ଗୌଡ଼ ଅତି ଗରିବ ଶ୍ରେଣୀର ହୋଇଥିବା ବେଳେ ଘରେ ବୃଦ୍ଧ ବାପା, ମା, ସ୍ତ୍ରୀ, ୪ ଟିଛୁଆଙ୍କ ପେଟକୁ ଦାନା ଯୋଗାଇବା ପାଇଁ ଦିନ ମଜୁରିଆ ଭାବେ ଜାମ୍ମୁ ଠାରେ କାର୍ଯ୍ୟ କରି ନିଜ ଗ୍ରାମକୁ ଫେରୁଥିବାବେଳେ ଅନୁଗୁଳ ରେଲୱେ ଷ୍ଟେସନ ଠାରେ କିଛି ଦୁର୍ବୃତ୍ତ ଜୁନ ୨୮ ତାରିଖ ଦିନ ଟ୍ରେନ ଭିତରେ ଝଗଡା କରିବା ସହିତ ଟଙ୍କା ପଇସା ଛଡାଇ ନେଇ ନିସ୍ତୁକ ମାଡମାରିଥିଲେ। ପରେ କୈଳାସଙ୍କ ଦୁଇ ଗୋଡ ହାତକୁ ବାନ୍ଧିକରି ଟ୍ରେନଲାଇନ୍‌କୁ ଫୋପାଡି ଦେଇଥିଲେ। ଫଳରେ କୈଳାସଙ୍କ ଦୁଇ ଗୋଡ ଟ୍ରେନରେ କଟିଯାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ କୈଳାସଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରିଥିଲେ। ଖବର ପାଇ ପରିବାର ଲୋକେ ପହଞ୍ଚି ତାଙ୍କର ଉତ୍ତମ ଚିକିତ୍ସା ନିମନ୍ତେ କଟକ ମେଡିକାଲରେ ଭର୍ତ୍ତି କରାଇଥିଲେ। ତାଙ୍କର ଅବସ୍ଥା ଗୁରୁତର ଥିଲା ଯାହାଫଳରେ ଦୀର୍ଘ ୧୬ ଦିନ ଚିକିତ୍ସା ହୋବାପରେ ତାଙ୍କର ଶୁକ୍ରବାର ସକାଳେ କଟକ ବଡ଼ ମେଡିକାଲରେ ମୃତ୍ୟୁ ଘଟିଛି। କୈଳାସଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ ଏକ ଶୋକର ଛାୟା ଖେଳିଯାଇଥିଲା। ଶୋକାକୋଳ ପରିବେଶ ମଧ୍ୟରେ କରଚୁଲି ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଜଣାପଡିଛି।

# ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ଅଶାନ୍ତି

**ବ୍ରହ୍ମପୁର,୧୪।୭ (ସୁବାସ ଚନ୍ଦ୍ର ପାଢ଼ୀ)**

### ଅଧ୍ୟକ୍ଷା–ଛାତ୍ର ମୁହାଁମୁହିଁ, ଥାନାରେ ଏତଲା

ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷା ଓ ଜଣେ ଛାତ୍ରଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟିହୋଇ କଥା ଥାନାକୁ ଯାଇଛି। ଏପରିକି ଅଧ୍ୟକ୍ଷା ଓ ସମ୍ପୃକ୍ତ ଛାତ୍ର ପୃଥକ୍ ଭାବେ ଥାନାରେ ଏତଲା ଦେଇଛନ୍ତି। ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଘଟଣା ପରେ କଲେଜ ଅଧ୍ୟକ୍ଷା ପ୍ରମିଳା ତ୍ରିପାଠୀ ସମ୍ପୃକ୍ତ ଛାତ୍ର ଅଜୟ ସେଠୀଙ୍କୁ ଟିସି ଦେଇ କଲେଜରୁ ବହିଷ୍କୃତ କରିଛନ୍ତି। ଯଦ୍ଵାରା ଛାତ୍ର ଜଣଙ୍କ ଶୁକ୍ରବାର ପରୀକ୍ଷା ଦେବାରୁ ବଞ୍ଚିତ ରହିଛନ୍ତି। ଯୁକ୍ତ ୩ ଛାତ୍ର ଅଜୟ ଏତଲାରେ ଦର୍ଶାଇଛନ୍ତି ଯେ, ଅଧ୍ୟକ୍ଷା ତାଙ୍କୁ ଜାତିଆଣ କଟୁ ମନ୍ତବ୍ୟ ଦେଇ ଗାଳିଗୁଲଜ କରିଛନ୍ତି। ଯୁକ୍ତ ୩ ଚତୁର୍ଥ ସେମିଷ୍ଟାର୍ ପରୀକ୍ଷା ସ୍ଥଗିତ ରଖିବା ପାଇଁ ଛାତ୍ରମାନଙ୍କ ତରଫରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବିକ୍ଷୋଭ କରାଯାଇଥିଲା। ଏହା ଜାଣିବା ପରେ ଗତ ୧୧ତାରିଖରେ ଅଧ୍ୟକ୍ଷା କେତେଜଣ ଛାତ୍ରଙ୍କୁ ନୋଟିସ୍ ଜାରି କରିଥିଲେ। ଏହାକୁ ନେଇ ଅଧ୍ୟକ୍ଷାଙ୍କୁ ସାକ୍ଷାତ କରିବାକୁ ଯାଇଥିବା ବେଳେ ଦୀର୍ଘ ସମୟ ପରେ ଅଧ୍ୟକ୍ଷା ଆସି ଗାଳିଗୁଲଜ କରିବା ସହ କଲେଜରୁ ବାହାର କରିଦେବାକୁ ଧମକ ଦେଇଥିବା ଅଜୟ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୪୭/୨୩ ରେ ମାମଲା ରୁଜୁ କରିଛି। ସେହିପରି ଅଧ୍ୟକ୍ଷା ଦେଇଥିବା ଏତଲାରେ ଦର୍ଶାଇଛନ୍ତି ଯେ, ସେ ଗତ ୧୧ତାରିଖ ଅପରାହ୍ନ ପ୍ରାୟ ୫ଟାରେ କଲେଜରୁ ଫେରୁଥିବା ବେଳେ ମୁଖ୍ୟ ଫାଟକ ନିକଟରେ ଛାତ୍ର ଅଜୟଙ୍କ ସମେତ ୫ଜଣ ଅଟକାଇ ଗାଳିଗୁଲଜ ସହ ଦୁର୍ବ୍ୟବହାର କରିଥିଲେ। ଏଥିସହିତ ଆଟ୍ରୋସିଟି ମାମଲାରେ ଫସାଇ ଦେବା ପାଇଁ ଧମକ୍ ଦେଇଥିଲେ ବୋଲି ଅଧ୍ୟକ୍ଷା ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ୨୪୮/୨୩ ରେ ମାମଲା ରୁଜୁ କରିଛି। ଘଟଣା ପରେ ଅଧ୍ୟକ୍ଷା କଲେଜ ଶାନ୍ତି କମିଟି ବୈଠକ ଡକାଇଥିଲେ। ବୈଠକକୁ ଅଜୟଙ୍କ ଅଭିଭାବକଙ୍କୁ ମଧ ଡକା ଯାଇଥିଲା। ହେଲେ ସେମାନେ ଆସି ନ ଥିଲେ। ତେଣୁ ବାଧ ହୋଇ ଅଧ୍ୟକ୍ଷା ବଡ଼ବଜାର ଥାନାରେ ଲିଖିତ ଏତଲା ଦେଇଛନ୍ତି।

# ୧୭ରେ ଅଭିଯୁକ୍ତମାନଙ୍କ ବୟାନ ରେକର୍ଡ

**ବ୍ରହ୍ମପୁର,୧୪।୭ (ସୁବାସ ଚନ୍ଦ୍ର ପାଢ଼ୀ)**

### ମନୋଜ ଜେନା ହତ୍ୟା ମାମଲା

ଆସିକା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ତଥା ୨୦୧୯ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ହୋଇଥିବା ମନୋଜ କୁମାର ଜେନା ହତ୍ୟା ମାମଲାର ଶୁଣାଣି ଶୁକ୍ରବାର ବ୍ରହ୍ମପୁର ଅତିରିକ୍ତ ଜିଲା ଓ ଦୌରାଜଜ୍ –୧ ଡ. ଇନ୍ଦୁଶର୍ମାଙ୍କ କୋର୍ଟରେ ହୋଇଥିଲା। ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ହୃଷିକେଶ ପାତ୍ର, କାର୍ତ୍ତିକ ନାହାକ ଓ ବୁଲୁ ନାହାକ ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି। ସେମାନଙ୍କୁ କଡା ସୁରକ୍ଷା ବଳୟରେ କୋର୍ଟରେ ହାଜର କରାଯାଇଥିଲା। ସେହିପରି ଏହି ମାମଲାରେ ଗିରଫ ହୋଇ ଜାମିନରେ ଥିବା ଅନ୍ୟ ୫ ଅଭିଯୁକ୍ତଙ୍କୁ ମଧ କୋର୍ଟରେ ହାଜର କରାଯାଇଥିଲା। ପ୍ରତିପକ୍ଷ ଓକିଲ ତଦନ୍ତକାରୀ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଅନେକ ପ୍ରଶ୍ନ କରିଥିଲେ। ଆସନ୍ତା ୧୭ତାରିଖରେ କୋର୍ଟରେ ଅଭିଯୁକ୍ତମାନଙ୍କର ବୟାନ ରେକର୍ଡ ପାଇଁ ଦିନ ଧାର୍ଯ୍ୟ ହୋଇଛି। ଏହାପୂର୍ବରୁ ଗତ ମେ'ରେ କୋର୍ଟରେ ୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା।

ମାମଲାରେ ୨୦ଜଣ ସାକ୍ଷୀ ରହିଛନ୍ତି। ପୂର୍ବରୁ ଖଣ୍ଡଗିରି ଥାନାର ତତ୍କାଳୀନ ସବଇନ୍ସପେକ୍ଟର ଗଙ୍ଗାଧର ପାଣିଗ୍ରାହୀ,କ୍ୟାପିଟାଲ ହସ୍ପିଟାଲର ଡାକ୍ତର ଲକ୍ଷ୍ମୀକାନ୍ତ ବେହେରା ଓ ଗୋଳନ୍ଥରା ଥାନାର ତତ୍କାଳୀନ ଏଏସଆଇ ପ୍ରକାଶ ଚନ୍ଦ୍ର ଆଚାର୍ଯ୍ୟ, ୧୯ ତମ ସାକ୍ଷୀ ଭାବେ ଗୋଳନ୍ଥରା ଥାନାର ତତ୍କାଳୀନ ଭାରପ୍ରାପ୍ତ ଅଧିକାରୀ ବସନ୍ତ ସେଠୀ ଓ ୨୦ ତମ ସାକ୍ଷୀ ଭାବେ ବୈଦ୍ୟନାଥପୁର ଥାନାର ତତ୍କାଳୀନ ଇନ୍ସପେକ୍ଟର ସାରଦା ପ୍ରସନ୍ନ ଦାସ କୋର୍ଟରେ ହଜାର ହୋଇ ବୟାନ ଦେଇଛନ୍ତି। ମାମଲାର ପରବର୍ତ୍ତୀ ବିଚାର ଆସନ୍ତା ୨୨ ଓ ୨୩ ଦୁଇଦିନ ଧରି ହେବ ବୋଲି କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୯ ମେ ୨୨ରେ ମନୋଜ ତାଙ୍କର କେତେଜଣ ସହଯୋଗୀଙ୍କ ସହ ଭୁବନେଶ୍ୱରରୁ କାରରେ ଫେରୁଥିବା ବେଳେ ଲାଞ୍ଜିପାଲି ଜାତୀୟ ରାଜପଥରେ ତାଙ୍କୁ ଗୁଳିମାଡ଼ ଓ ଖଣ୍ଡାରେ ହାଣି ହତ୍ୟା ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ତ୍ରିଲୋଚନ ପରିଡ଼ା, ଅଭିଯୁକ୍ତଙ୍କ ପକ୍ଷରୁ କୃଷ୍ଣ ପ୍ରସାଦ ପଟ୍ଟନାୟକ ଓ କୈଳାଶ ପଣ୍ଡା ମାମଲା ଲଢୁଛନ୍ତି।

# ବିଏମସି– ଏସ୍‌ଏଚଜି ମଧ୍ୟରେ ଏମଓୟୁ

**ବ୍ରହ୍ମପୁର,୧୪।୭ (ସ୍ମୃତି ରଞ୍ଜନ ମହାଲିକ)**

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ଶୀତଳାପଲୀଠାରେ ନିର୍ମିତ ସେପ୍ଟେଜ ଟ୍ରିଟମେଣ୍ଟ ପ୍ଲାଣ୍ଟରେ ଖତ ପ୍ରସ୍ତୁତ କରିବା ପାଇଁ ବୋହୁ ଚୋରା ଏସ୍‌ଏଚଜି ସହ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଏହି ମହିଳା ଗୋଷ୍ଠୀ ପ୍ଲାଣ୍ଟରେ ଖତ ପ୍ରସ୍ତୁତ କରିବେ। ଏଥିପାଇଁ ବିଏମସି ଉକ୍ତ ଏସଏଚଜିଙ୍କୁ ମାସିକ ୧୨ହଜାର ଟଙ୍କା ପ୍ରଦାନ କରିବ। ଏଥିରେ ଏସଏଚଜିର ୧୦ ଜଣ ସଦସ୍ୟା କାର୍ଯ୍ୟ କରିବ। ପ୍ଲାଣ୍ଟରେ ଏସଏଚଜିର ସଦସ୍ୟମାନେ ରହିବା ପାଇଁ ବିଏମସି ପକ୍ଷରୁ ସୁବିଧା ପ୍ରଦାନ କରାଯିବ। ଏମଓୟୁ ସ୍ୱାକ୍ଷର ସମୟରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ବିଏମସି ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ ବିବେକ ରେଡି, କମିଶନର ଜେ ସୋନାଲ, ଡେପୁଟି କମିଶନର ବିନୋଦ କୁମାର ବେହେରା, ବୋହୁ ଚୋରା ଗ୍ରୁପର ସଭାପତି ସୁଇଟି ସାହୁଙ୍କ ସମେତ ୪୦ଟି ୱାର୍ଡର କର୍ପୋରେଟର ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଭାଇ ମୃତ, ଭଉଣୀ ଗୁରୁତର

**ଖଲ୍ଲିକୋଟ,୧୪।୭ (ପ୍ରଶାନ୍ତ ମିଶ୍ର)**

### ବଡ଼ ଘାଟିରେ ଗଛକୁ ପିଟିଲା ବାଇକ



ଘଟଣାସ୍ଥଳରେ ପୋଲିସର ତଦନ୍ତ।

ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବଡ଼ଘାଟିରେ ଶୁକ୍ରବାର ଅପରାହ୍ନ ୩ଟା ସମୟରେ ବାଇକ ଦୁର୍ଘଟଣା ଘଟି ଭାଇର ମୃତ୍ୟୁ ହୋଇଥିବା ବେଳେ ଭଉଣୀ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ରମ୍ଭା ଥାନା ଅନ୍ତର୍ଗତ ପାଲୁର ଗଜପତି ନଗରର ଟୁନା ବେହେରା ଓ ସମ୍ପର୍କୀୟ ଭଉଣୀ ଜୟନ୍ତି ବେହେରା ଏକ ବାଇକ (ନମ୍ବର ଓଡି ୦୨ ଏଫ ୨୬୯୭) ଯୋଗେ କୌଣସି ଏକ କାମରେ ବାଲୁଗାଁ ଯାଇଥିଲେ। ସେଠାରୁ କାମ ସାରି ନିଜ ଗ୍ରାମ ଅଭିମୁଖେ ଫେରୁଥିବା ସମୟରେ ହଠାତ ବଡ଼ ଘାଟିରେ ଭାରସାମ୍ୟ ହରାଇ ଏକ ଗଛକୁ ଶକ୍ତ ଧକ୍କା ଦେଇଥିଲା। ଫଳରେ ଭାଇ ଓ ଭଉଣୀ ଦୁହେଁ ଗୁରୁତର ଅବସ୍ଥାରେ ରାସ୍ତା କଡ଼ରେ ପଡ଼ିଥିବା ଖବର ପାଇ ହାଇୱେ ପାଟ୍ରୋଲିଂ ଏସପିଓ ଭାବଗ୍ରାହୀ ବିଶ୍ୱାଳ ଓ ଡ୍ରାଇଭର ଲିଙ୍ଗରାଜ ବେହେରା ଘଟଣାସ୍ଥଳରେ ପହଞ୍ଚି ଦୁହିଁଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ। କିନ୍ତୁ ସେଠାରେ ଟୁନା ବେହେରାଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଗୁରୁତର ଆହତ ହୋଇଥିବା ଜୟନ୍ତି ବେହେରାଙ୍କୁ ପ୍ରାଥମିକ ଚିକିତ୍ସା କରାଯାଇ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଖଲ୍ଲିକୋଟ ଥାନା ଏସଆଇ ପାର୍ଥପ୍ରତିମ ଦେବତା ଓ ହିମାଂଶୁ ଶେଖର ପାତ୍ର ମେଡ଼ିକାଲରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଛନ୍ତି। ସେପଟେ ଟୁନାଙ୍କ ମୃତ୍ୟୁ ଖବର ଶୁଣି ପରିବାର ଲୋକେ ଖଲ୍ଲିକୋଟ ମେଡ଼ିକାଲରେ ପହଞ୍ଚିଥିବା ବେଳେ ମେଡ଼ିକାଲ ପରିସରରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି।

# ଉପଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

**ବ୍ରହ୍ମପୁର,୧୪।୭ (ନରସିଂହ ସାହୁ)**

### ପରିବା, ଖାଉଟି ସାମଗ୍ରୀ ମୂଲ୍ୟ ବୃଦ୍ଧିର ପ୍ରତିବାଦ

ଗଞ୍ଜାମ ଜିଲା ସିପିଆଇ(ଏମ) ଓ ଏହାର ଛାମୁଆ ସଂଗଠନ ଗଣତାନ୍ତ୍ରିକ ମହିଳା ସମିତିର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ବ୍ରହ୍ମପୁରରେ ବିଶାଳ ରାଲି ଏବଂ ଉପଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ, ପ୍ରତିବାଦ ସଭା ହୋଇଥିଲା। ଭାଜପା ନେତୃତ୍ୱାଧିନ କେନ୍ଦ୍ର ମୋଦି ସରକାରରେ ସମସ୍ତ ସାମଗ୍ରୀର ଦର ବୃଦ୍ଧି ବିରୋଧରେ ଏହି ଆନ୍ଦୋଳନ କରାଯାଇଥିଲା। ଦର ନିୟନ୍ତ୍ରଣ ପାଇଁ ତ୍ୱରିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ ନିକଟରେ ଶତାଧିକ ମହିଳା ଓ ପୁରୁଷ କର୍ମୀ ଏକାଠି ହୋଇ ସେଠାରୁ ଲାଲ ପତାକା ଧରି ଶୋଭାଯାତ୍ରାରେ ବାହାରିଥିଲେ। ରାସ୍ତା ପରିକ୍ରମା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତି ବିରୋଧରେ ବର୍ଷିଥିଲେ। ଉପଜିଲାପାଳଙ୍କ ଦପ୍ତର ନିକଟରେ ପହଞ୍ଚିବା ପରେ ବିକ୍ଷୋଭ କରିବା ସହ ମୋଦୀ ସରକାର ହଟାଇବାକୁ ନାରାବାଜି କରାଯାଇଥିଲା। ଆନ୍ଦୋଳନର ନେତୃତ୍ୱ ଜିଲା କମିଟି ସମ୍ପାଦକ ଯୁଧିଷ୍ଠିର ବେହେରା ଓ ଗଣତାନ୍ତ୍ରିକ ମହିଳା ସମିତି ଜିଲା ସଭାନେତ୍ରୀ ଜୟନ୍ତୀବାଳା ମିଶ୍ର ନେଇଥିଲେ। ସମ୍ପାଦିକା ବିଷ୍ଣୁପ୍ରିୟା ସାହୁଙ୍କ ସମେତ ବହୁ ସଂଖ୍ୟକ ମହିଳା ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହି ଅବସାରେ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଉପଜିଲାପାଳଙ୍କୁ ଦିଆଯାଇଥିଲା। ପ୍ରତିବାଦ ସମାବେଶରେ ବିଦ୍ୟାଧର ଜେନା, ଗୋପାଳ ପାଣିଗ୍ରାହି, ଶିବ ପ୍ରସାଦ ମହାପାତ୍ର, ବାବୁଲା ନାୟକ, ପ୍ରତାପ ଚୌଧୁରୀ, ଗୋକୁଳ ତ୍ରିପାଠୀ, ହରି ନାହାକ, ଟିଟି ବାବୁ, ରଞ୍ଜନ ପାତ୍ର, ପୁରୁଷୋତ୍ତମ ସାହୁ, ମଧୁସୂଦନ ବେହେରା, ବିଷ୍ଣୁପ୍ରିୟା ସାହୁ, ଗାୟତ୍ରୀ ଗୌଡ଼, ଅନୁସୂୟା ମହାପାତ୍ର, ପ୍ରତିଭା ବ୍ରହ୍ମା, ଲକି ସ୍ୱାଇଁ ପ୍ରମୁଖ ଉଦବୋଧନ ଦେଇଥିଲେ। ସିପିଏମର ଆନ୍ଦୋଳନ ପାଇଁ ଉପଜିଲାପାଳଙ୍କ ଅଫିସ ପରିସରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।




ଗଣତାନ୍ତ୍ରିକ ମହିଳା ସମିତି–ସିପିଏମ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

